# ତହସିଲ କାର୍ଯ୍ୟାଳୟ,ବେଗୁନିଆ

e-mail:- tdr.begunia@rediffmail.com

## ଇସ୍ତାହାର

ପତ୍ରସଂଖ୍ୟା. ୨୨୨ /ତାରିଖ. ୦୪/୦୯/୨୦୨୦

## ଲଘୁ ଖଣିଜ ଉତ୍ସ ର ଦୀର୍ଘ ମିଆଦି ଲିଜ ନିମନ୍ତେ ନିଲାମ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ବେଗୁନିଆ ତହସିଲ ଅନ୍ତର୍ଗତ ଏଥି ସଲଗ୍ନ ଲଘୁ ଖଣିଜ ଦ୍ରବ୍ୟ ଗୁଡିକର ଆସନ୍ତା ପାଞ୍ଚ ବର୍ଷ ନିମନ୍ତେ ଲିଜ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତିବିଶେଷ OMMC RULE 2016 FORM-M ପୂରଣ କରି ତିନି କପି ସହ ନିମ୍ନଲିଖିତ ଆବଶ୍ୟକୀୟ ଦସ୍ତାବିଜ ସଲଗ୍ନ କରି ଜରମୁଦ ଲଫାପାରେ Registered Post/Speed post ଜରିଆରେ ତହସିଲଦାର ବେଗୁନିଆଙ୍କ ଠିକଣାରେ କିମ୍ବା ତହସିଲ କାର୍ଯ୍ୟାଳୟର Tendor Box ରେ ଆସନ୍ତା **ତା.23.09.2020 ରିଖ** ଠାରୁ **ତା.02.11.2020 ରିଖ** ଅପରାହ୍ନ **୫.୩୦** ଘଟିକା ପର୍ଯ୍ୟନ୍ତ ପକାଇ ପାରିବେ (ଛୁଟିଦିନ ବ୍ୟତୀତ) ଏବଂ **ତା.02.11.2020 ରିଖ ଅପରାହ୍ନ ୫.୩୦ ଘଟିକା** ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯିବ ନାହିଁ । ଲଫଫା ଉପରେ ସୈରାତ କେଶ ନମ୍ବର ଲେଖା ଥିବା ଆବଶ୍ୟକ । କୌଣସି କାରଣ ନଦର୍ଶାଇ ନିଲାମକୁ ସ୍ଥଗିତ/ରଦ୍ଦ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ, ଖୋର୍ଦ୍ଧାଙ୍କର ରହିଛି । **ତା.03.11.2020 ରିଖ ୧୧.୦୦ ଘଟିକା** ସମୟରେ ଲିଜ ଦରଖାସ୍ତକାରୀ ଙ୍କ ଉପସ୍ଥିତିରେ ଦରଖାସ୍ତ ତନଖି କରାଯିବ । ତନଖି ସମୟରେ ଅସଂପୂର୍ଣ ଦରଖାସ୍ତ ଗୁଡିକ ଖାରଜ କରାଯିବ । ଧାର୍ଯ୍ୟ ତାରିଖ ଓ ସମୟ ରେ ଯିଏ ଅନୁପ୍ରସ୍ଥିତ ରହିବେ ସେଥିପାଇଁ ନିଲାମ କାର୍ଯ୍ୟ ଅଟକିବ ନାହିଁ । ଉପରୋକ୍ତ ଦିନ କୌଣସି କାରଣରୁ ନିଲାମ ନହୋଇ ପାରିଲେ ପରବର୍ତୀ ନିଲାମ ଯଥାକ୍ରମେ **ତା 05.11.2020 ରିଖ ଏବଂ ପରବର୍ତ୍ତୀ ତା.07.11.2020 ରିଖ** (ଦିବା ୧୧ ଘଟିକା) ସମୟରେ ଅନୁଷ୍ଠିତ ହେବ । ଯଦି ଉକ୍ତ ଇସ୍ତାହାର ରେ କୌଣଷି ତୃଟି ପରିଲିକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର ଅଧିକାର କ୍ଷମତା ପ୍ରାପ୍ତ ଅଧିକାରୀଙ୍କର ରହିଅଛି । ଲଘୁ ଖଣିଜ ଉତ୍ସ ଗୁଡିକର ଲିଜ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଖୋର୍ଦ୍ଧା ଜିଲ୍ଲା ୱେବସାଇଟ www.khordha.nic.in ରେ ଉପଲବ୍ଧ ହେବ ।

**ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ**

1. ଦରଖାସ୍ତ ପାଉଣା ବାବଦକୁ ଟ.୧୦୦୦.୦୦ (ଏକ ହଜାର ଟଙ୍କା) ର ଟ୍ରେଜେରୀ ଚାଲାଣ । (Head of Account-0853-Non-ferrous Mining and Metallurgical Industries-102-Mineral Concession fees, fines and Royalties)
2. ସୈରାତ ଉତ୍ସ ବାବଦ କୌଣସି ବକେୟା ଅର୍ଥ ନଥିବା ସମ୍ବନ୍ଧୀୟ ସତ୍ୟପାଠ ।
3. ଆବେଦନକାରୀ ରୟାଲିଟି (Royalty) ଓ ଅତିରିକ୍ତ ଦେୟ (Additional Charge) ବାବଦକୁ ବାର୍ଷିକ ଶତକଡା 5 % ହାରରେ ସ୍ଥିରୀକୃତ ହୋଇଥିବା ମାଙ୍କଡା ପଥର ପରିମାଣ ଉପରେ ଅମାନତ ରାଶି (Earnest Money) ଓ ଅନ୍ୟାନ ଦେୟ ଡିମାଣ୍ଡ ଡ୍ରାଫ୍ଟ ଆକାରରେ ପଇଠ କରିବେ ।
4. Rule 27 (IV) of OMMC Rule-2016 ମୁତାବକ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ସଲଭେନ୍ସି ସାର୍ଟିଫିକେଟ କିମ୍ବା ୧୮ ମାସ ପର୍ଯ୍ୟନ୍ତ ଅବଧି ପ୍ରାପ୍ତ ଥିବା ବ୍ୟାଙ୍କ ଗ୍ୟାରେଣ୍ଟି ଯାହାର ମୂଲ୍ୟ ବାର୍ଷିକ ସର୍ବନିମ୍ନ ସ୍ଥିରୀକୃତ ହୋଇଥିବା ଲଘୁ ଖଣିଜ ପଦାର୍ଥ ଅନୁସାରେ ଉପରୋକ୍ତ ରୟାଲିଟି ଓ ପ୍ରଦାନ କରୁଥିବା ଅତିରିକ୍ତ ଦେୟର (Additional Charge) ମୂଲ୍ୟ ଠାରୁ କମ ହୋଇନଥିବା ଏବଂ ଏଥି ସହିତ ଅନ୍ୟାନ୍ୟ ସ୍ଥାବର ସମ୍ପତିର ବିବରଣୀ ପ୍ରଦାନ କରିବେ ।

Scanned with CamScanner

5. ଆବେଦନ କରିଥିବା ଲିଜ ଜମିର ସଂପୂର୍ଣ୍ଣ ବିବରଣୀ ଓ ନକ୍ସା ସରଜମିନ ପରିଦର୍ଶନ କରି ସଂଲଗ୍ନ କରିବେ ।

6. ନିଲାମଧାରୀ (successful bidder), mining plan and environmental clearance ବାବଦକୁ ଦେୟ ପଇଠ କରିବାକୁ ହେବ । ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହାର ସଂଶୋଧନ କରିବା କ୍ଷମତା ପ୍ରାପ୍ତ ଅଧିକାରୀଙ୍କର ରହିଛି । ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ www.khordha.nic.in ରେ ଉପଲବ୍ଧ ହେବ ।

ତହସିଲଦାର, ବେଗୁନିଆ

# ତହସିଲ କାର୍ଯ୍ୟାଳୟ, ବେଗୁନିଆ

## ନିଲାମ ବିଜ୍ଞାପନ

ବିଜ୍ଞାପନ ସଂଖ୍ୟା. ୨୨୨୬ ତାରିଖ. ୦୪ | ୦୯ | ୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବେଗୁନିଆ ତହସିଲ ଅଧୀନରେ ଥିବା ବାର ଗୋଟି (12) ମାଙ୍କଡା ପଥର ସୈରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ଯଥା ବାଲିବେରଣି ମାଙ୍କଡା ପଥର ସୈରାତ ଉତ୍ସ 1, ବାଲିବେରଣି ମାଙ୍କଡା ପଥର ସୈରାତ ଉତ୍ସ 2, ବାଲିବେରଣି ମାଙ୍କଡା ପଥର ସୈରାତ ଉତ୍ସ 3, ଛିମା ମାଙ୍କଡା ପଥର ସୈରାତ ଉତ୍ସ ,ଉତ୍ତରେଶ୍ବର ମାଙ୍କଡା ପଥର ସୈରାତ ଉତ୍ସ-1, ଉତ୍ତରେଶ୍ବର ମାଙ୍କଡା ପଥର ସୈରାତ ଉତ୍ସ-2, ଉତ୍ତରେଶ୍ବର ମାଙ୍କଡା ପଥର ସୈରାତ ଉତ୍ସ-3, ରାଉତପଡା ମାଙ୍କଡା ପଥର ସୈରାତ ଉତ୍ସ, ଡିଙ୍ଗର ମାଙ୍କଡା ପଥର ସୈରାତ ଉତ୍ସ-1, ଡିଙ୍ଗର ମାଙ୍କଡା ପଥର ସୈରାତ ଉତ୍ସ-2, ଡିଙ୍ଗର ମାଙ୍କଡା ପଥର ସୈରାତ ଉତ୍ସ-3, ଫୁଲଛାଞ୍ଚୁଣୀ ମାଙ୍କଡା ପଥର ସୈରାତ ଉତ୍ସ, ପାଇଁ ଆଗାମୀ ପାଞ୍ଚବର୍ଷ ନିମନ୍ତେ (ଦୀର୍ଘ ମିଆଦୀ) ଲିଜ ପାଇଁ ଜଉମୁଦ ଦିଆ ଟେଣ୍ଡର ମାଧ୍ୟମରେ ସର୍ବସାଧାରଣରେ ନିଲାମ କରାଯିବ । ସୈରାତ ସମ୍ବନ୍ଧୀୟ ସମସ୍ତ ତଥ୍ୟ, ଆବେଦନର ବିବରଣୀ ଓ ନିୟମାବଳୀ ଖୋର୍ଦ୍ଧା ଜିଲ୍ଲା ୱେବସାଇଟ www.khordha.nic.in ରେ ଉପଲବ୍ଧ ଅଛି । ଆବେଦନ ପାଇଁ ଇଚ୍ଛୁକ ବ୍ୟକ୍ତି ବେଗୁନିଆ ତହସିଲଦାରଙ୍କ କାର୍ଯ୍ୟାଳୟରେ ନିର୍ଦ୍ଧାରିତ କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି ।

ଦରଖାସ୍ତ ରେଜିଷ୍ଟ୍ରି / ସ୍ପିଡ ପୋଷ୍ଟ ଜରିଆରେ କିମ୍ବା ତହସିଲଦାର ବେଗୁନିଆ କାର୍ଯ୍ୟାଳୟରେ ଥିବା Tender Box ରେ ପକାଇପାରିବେ। ଦରଖାସ୍ତ ଗ୍ରହଣ ତାରିଖ ଆସନ୍ତା ତା..23.09.2020 ରିଖ ଠାରୁ ତା.02.11.2020 ରିଖ ଅପରାହ୍ନ ୫.୩୦ ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଅଛି । ଧାର୍ଯ୍ୟ ସମୟ ଗତେ ଦରଖାସ୍ତ ଗ୍ରହଣୀୟ ହେବନାହିଁ ।

ତହସିଲଦାରଙ୍କ ଦ୍ଵାରା ସୈରାତ ଉତ୍ସର ନିଲାମ ଆବେଦନକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିମାନଙ୍କ ଉପସ୍ଥିତିରେ ପ୍ରଥମ ଧାର୍ଯ୍ୟ ତା.03.11.2020 ରିଖ ୧୧ ଘଟିକା ରେ ତହସିଲଦାରଙ୍କ କାର୍ଯ୍ୟାଳୟରେ ଚୁଡାନ୍ତ କରାଯିବ । କୌଣସି କାରଣରୁ ନିଲାମ ନହୋଇ ପାରିଲେ ଦ୍ୱିତୀୟ 05.11.2020 ଏବଂ ଦ୍ୱିତୀୟ ତାରିଖରେ ନହୋଇ ପାରିଲେ ତୃତୀୟ ତା.07.11.2020 ରିଖ ରେ ନିଲାମ କରାଯିବ । କୌଣସି କାରଣ ନଦର୍ଶାଇ ନିଲାମକୁ ସ୍ଥଗିତ କିମ୍ବା ରଦ୍ଦ କରିବାର କ୍ଷମତା ନିମ୍ନସ୍ୱାକ୍ଷରକାରୀ ଏବଂ ଜିଲ୍ଲାପାଳ, ଖୋର୍ଦ୍ଧା ଙ୍କର କ୍ଷମତା ପରିସରଭୁକ୍ତ ଅଟେ ।

(signature) ୪/୯/୨୦

ତହସିଲଦାର, ବେଗୁନିଆ

Scanned with CamScanner

# ତହସିଲ କାର୍ଯ୍ୟାଳୟ, ବେଗୁନିଆ

## ନିଲାମ ବିଜ୍ଞାପନ

ବିଜ୍ଞାପନ ସଂଖ୍ୟା. ୨୨୨୮ ତାରିଖ. ୪|୯|୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବେଗୁନିଆ ତହସିଲ ଅଧୀନରେ ଥିବା ତିନି ଗୋଟି (3) କଳାମୁଗୁନି ପଥର ସୈରାତ ଉତ୍ସ ଯଥା ପରିଛଳ କଳାମୁଗୁନୀ ପଥର ସୈରାତ ଉତ୍ସ-1, ପରିଛଳ କଳାମୁଗୁନୀ ପଥର ସୈରାତ ଉତ୍ସ-2, ପରିଛଳ କଳାମୁଗୁନୀ ପଥର ସୈରାତ ଉତ୍ସ-3 ପାଇଁ ଆଗାମୀ ପାଞ୍ଚବର୍ଷ ନିମନ୍ତେ (ଦୀର୍ଘ ମିଆଦୀ) ଲିଜ ପାଇଁ ଜଉମୁଦ ଦିଆ ଟେଣ୍ଡର ମାଧ୍ୟମରେ ସର୍ବସାଧାରଣରେ ନିଲାମ କରାଯିବ । ସୈରାତ ସମ୍ବନ୍ଧୀୟ ସମସ୍ତ ତଥ୍ୟ, ଆବେଦନର ବିବରଣୀ ଓ ନିୟମାବଳୀ ଖୋର୍ଦ୍ଧା ଜିଲ୍ଲା ୱେବସାଇଟ www.khordha.nic.in ରେ ଉପଲବ୍ଧ ଅଛି । ଆବେଦନ ପାଇଁ ଇଚ୍ଛୁକ ବ୍ୟକ୍ତି ବେଗୁନିଆ ତହସିଲଦାରଙ୍କ କାର୍ଯ୍ୟାଳୟରେ ନିର୍ଦ୍ଧାରିତ କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି ।

ଦରଖାସ୍ତ ରେଜିଷ୍ଟ୍ରି / ସ୍ପିଡ ପୋଷ୍ଟ ଜରିଆରେ କିମ୍ବା ତହସିଲଦାର ବେଗୁନିଆ କାର୍ଯ୍ୟାଳୟରେ ଥିବା Tender Box ରେ ପକାଇପାରିବେ। ଦରଖାସ୍ତ ଗ୍ରହଣ ତାରିଖ ଆସନ୍ତା ତା..23.09.2020 ରିଖ ଠାରୁ ତା.02.11.2020 ରିଖ ଅପରାହ୍ନ ୫.୩୦ ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଅଛି । ଧାର୍ଯ୍ୟ ସମୟ ଗତେ ଦରଖାସ୍ତ ଗ୍ରହଣୀୟ ହେବନାହିଁ ।

ତହସିଲଦାରଙ୍କ ଦ୍ୱାରା ସୈରାତ ଉତ୍ସର ନିଲାମ ଆବେଦନକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିମାନଙ୍କ ଉପସ୍ଥିତିରେ ପ୍ରଥମ ଧାର୍ଯ୍ୟ ତା.03.11.2020 ରିଖ ୧୧ ଘଟିକା ରେ ତହସିଲଦାରଙ୍କ କାର୍ଯ୍ୟାଳୟରେ ଚୂଡାନ୍ତ କରାଯିବ । କୌଣସି କାରଣରୁ ନିଲାମ ନହୋଇ ପାରିଲେ ଦ୍ୱିତୀୟ 05.11.2020 ଏବଂ ଦ୍ୱିତୀୟ ତାରିଖରେ ନହୋଇ ପାରିଲେ ତୃତୀୟ ତା.07.11.2020 ରିଖ ରେ ନିଲାମ କରାଯିବ । କୌଣସି କାରଣ ନଦର୍ଶାଇ ନିଲାମକୁ ସ୍ଥଗିତ କିମ୍ବା ରଦ୍ଦ କରିବାର କ୍ଷମତା ନିମ୍ନସ୍ୱାକ୍ଷରକାରୀ ଏବଂ ଜିଲ୍ଲାପାଳ, ଖୋର୍ଦ୍ଧା ଙ୍କର କ୍ଷମତା ପରିସରଭୁକ୍ତ ଅଟେ ।

(signature) ୪|୯|୨୦

ତହସିଲଦାର, ବେଗୁନିଆ

Scanned with CamScanner

# ସର୍ତ୍ତାବଳୀ

1. ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ-୨୦୧୬ (OMMC RULE-2016 & 2017) ର ପରିସରଭୁକ୍ତ ରହିବେ ।
2. ପ୍ରଚଳିତ ନିୟମାବଳୀ ଅନୁଯାୟୀ ଅତିରିକ୍ତ ଦେୟ (ADDITIONAL CHARGE) ବାବଦକୁ ସର୍ବୋଚ୍ଚ ମୂଲ୍ୟ ଦରଜ କରିଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ନିଲାମଧାରୀ ସମାନ ମୂଲ୍ୟ ପ୍ରଦାନ କରିଥିବେ, ତେବେ ଲଟେରୀ ମାଧ୍ୟମରେ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ ।
3. ସ୍ଥିରୀକୃତ ହୋଇଥିବା MGQ ଲଘୁ ଖଣିଜଦ୍ରବ୍ୟର ବାର୍ଷିକ ପରିମାଣ ସହିତ ଲିଜଧାରୀଙ୍କ ଦ୍ଵାରା ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge) ମାଙ୍କଡା ପଥର ରୟାଲିଟି ନିମନ୍ତେ ଟ.୧୮୦./CUM ଏବଂ ବାର୍ଷିକ MGQ ପାଇଁ ଧାର୍ଯ୍ୟ DMF (Contribution payable to DMF) ଗୁଣନ କରି ସମ୍ପୃକ୍ତ ରାଶିର 25% ରୁ ପୂର୍ବରୁ ଦାଖଲ କରିଥିବା ବଇନା ରାଶି (Earnest Money) କୁ ବାଦ ଦେଇ ଏକତ୍ର କରି ଅମାନତ ରାଶି (Security Deposit) ଭାବରେ ଦାଖଲ କରିବେ । ଏହି ଅମାନତ ରାଶି ବିନା ସୁଧ (Interest Fee) ରେ ରଖାଯିବ ।
4. ସର୍ବୋଚ୍ଚ ନିଲାମଧାରୀ ଉତ୍ସ ପାଇଁ ପୂର୍ବରୁ ପ୍ରସ୍ତୁତି ହୋଇଥିବା Mining Plan ବାବଦର ମୂଲ୍ୟ ପଇଠ କରିବାକୁ ହେବ । ପୁନଶ୍ଚ ନିଜ ଖର୍ଚ୍ଚରେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପରିବେଶ ମଞ୍ଜୁରୀ (Environmental Clearance) ସମ୍ପୃକ୍ତ ଅଧିକାରୀଙ୍କ ଠାରୁ ହାସଲ କରିବେ ।
5. ଯଦି ସର୍ବୋଚ୍ଚ ଆଡିସନାଲ ଚାର୍ଜ ବା ଅତିରିକ୍ତ ଦେୟ ମୁଲ୍ୟାଙ୍କ କରିଥିବା ଆବେଦନକାରୀ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମସ୍ତ ଦେୟ ପଇଠ ନ କରନ୍ତି ବା ଖିଲାପ କରନ୍ତି ତା ହେଲେ ଦ୍ଵିତୀୟ ସର୍ବାଧିକ ମୂଲ୍ୟାଙ୍କ କରିଥିବା ନିଲମଧାରୀଙ୍କୁ ସୁଯୋଗ ଦିଆଯିବ ।
6. ଯଦି ଦ୍ଵିତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ ମୁଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଦ୍ଵାରା ପ୍ରଦାନ କରାଯାଇଥିବା ଅର୍ଥ ରାଶି ପ୍ରଥମ ସର୍ବୋଚ୍ଚ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଅର୍ଥରାଶି ଠାରୁ ଅତିକମ ହୋଇଥାଏ ତେବେ ଲିଜ ପ୍ରକ୍ରିୟାକୁ ରଦ୍ଦ କରାଯାଇ (Controlling Authority) ଙ୍କ ଅନୁମତି କ୍ରମେ ନୂତନରୂପେ ନିଲାମ କରାଯିବ ।
7. ଯଦି ଦରଖାସ୍ତକାରୀ ଧାର୍ଯ୍ୟ ମୁଲ୍ୟଠାରୁ କମ ମୁଲ୍ୟ ଉଲ୍ଲେଖ କରିଥାନ୍ତି ତଥା ବିଜ୍ଞାପନରେ ଆବଶ୍ୟକ ଦସ୍ତାବିଜ ଦାଖଲ କରି ନଥାନ୍ତି ତେବେ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।
8. ଲିଜଧାରୀ ପ୍ରତିବର୍ଷ ପ୍ରଚଳିତ ଆଇନ ଅନୁସାରେ ସରକାରଙ୍କ ଦ୍ଵାରା ଧାର୍ଯ୍ୟ କରାଯାଉଥିବା Surface Rent, Dead Rent ଓ Royalty ପଇଠ କରିବେ ।
9. ଲିଜଧାରୀ ଉପରୋକ୍ତ ଦେୟ ସହିତ District Mineral Foundation Fund (DMF) and Environmental Management Fund (EMF) ବାବଦ ଅର୍ଥ ରାଶି ବାର୍ଷିକ ଅଗ୍ରିମ ଆକାରରେ ପ୍ରଦାନ କରିବେ ।
10. ନିଲାମଧାରୀ OMMC RULE-2016 ର ନିୟମ-33 (1-29) ର ସମସ୍ତ ସର୍ତ୍ତାବଳୀ ମାନିବା ପାଇଁ ବାଧ୍ୟ ହେବେ ।
11. ନିଲାମଧାରୀ ଲଘୁ ଖଣିଜଦ୍ରବ୍ୟ କୁ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ବିନା ଅନୁମତିରେ ରାଜ୍ୟ ବାହାରକୁ ଚାଲାଣ କରିପାରିବେ ନାହିଁ ।
12. ନିଲାମଧାରୀ ଜମା ରୟାଲିଟି ର ୨% ଆୟକର ବାବଦକୁ ଟ୍ରେଜେରୀ ଚାଲାଣ ଆକାରରେ ଜମା କରିବେ ।
13. ନିଲାମଧାରୀ ଲଘୁ ଖଣିଜଦ୍ରବ୍ୟର ଉତ୍ତୋଳନ କୌଣସି ଯାନ୍ତ୍ରିକ ଉପାୟରେ କରିବେ ନାହିଁ ତଥା କୌଣସି ଭାରୀଯାନ ଯେପରିକି ହାଇୱା ଇତ୍ୟାଦି ବ୍ୟବହାର କରିବେ ନାହିଁ ।
14. ଲିଜଧାରୀ Mines Act 1952 ଏବଂ Explosive Act 1984 ର ସମସ୍ତ ନିୟମ ଓ ସର୍ତ୍ତାବଳୀ ର ଅନ୍ତର୍ଭୁକ୍ତ ରହିବେ ।

Scanned with CamScanner

15. ସର୍ବୋଚ୍ଚ ନିଲାମଧାରୀ ମାଙ୍କଡା ପଥର ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକିୟ ମଞ୍ଜୁରୀ (Consent to establish & consent to operate) ଓଡିଶା ପ୍ରଦୂଷଣ ବୋର୍ଡରୁ (Orissa Pollution Control Board) ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ ।

16. ସର୍ବୋଚ୍ଚ ନିଲାମଧାରୀ ସମସ୍ତ (Clearance) ଦେୟ ଜମା କରିବା ପରେ ସେ ଫାରମ ଏନ (Form N) ରେ ଚୁକ୍ତି ପତ୍ର ସ୍ୱାକ୍ଷର କରିବା ସହ ନିଜ ଖର୍ଚ୍ଚରେ ଏହାକୁ ରେଜିଷ୍ଟ୍ରେଶନ (ରେଜିଷ୍ଟ୍ରେସନ ଆକ୍ଟ-1908 ଓ ଷ୍ଟାମ୍ପ ଆକ୍ଟ-1899 ଅନୁଯାୟୀ) ସମ୍ପାଦନ କରିବେ । ଏବଂ ପରବର୍ତ୍ତୀ ବର୍ଷଗୁଡିକ ପାଇଁ ପ୍ରତ୍ୟେକ ବର୍ଷ ଜାନୁଆରୀ ମାସ 15 ତାରିଖ ପୂର୍ବରୁ ଦେୟ ପଇଠ କରିବା ହେବେ ।

17. ସୂଚନାଫଳକ (Display Board) ତିଆରି କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ ଲିଜଧାରୀ ବହନ କରିବେ ।

18. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲା ପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଦ୍ରବ୍ୟ ଉଠାଇପାରିବେ ନାହିଁ ।

19. ନିଲାମ ଦରଖାସ୍ତକାରୀମାନେ ତଥା ଲିଜ ଗ୍ରହିତା ଓଡିଶା ଲଘୁ ଖଣିଜ ଦ୍ରବ୍ୟ ନିୟମ ୨୦୧୬ ଓ ୨୦୧୭ ଏବଂ ତତସଂଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ୍ୟ ହେବେ ।

20. ଯଦି ଉକ୍ତ ନିଲାମ ଇସ୍ତାହାର କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର ଅଧିକାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ରହିଛି ଏବଂ କ୍ଷମତା ପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଉପରୋକ୍ତ ଲିଜ ବାତିଲ ବା ସ୍ଥଗିତ କରିପାରିବେ ।

ନିଲାମସ୍ଥାନ- ତହସିଲ କାର୍ଯ୍ୟାଳୟ, ବେଗୁନିଆ

ଧାର୍ଯ୍ୟ ତାରିଖ 03.11.2020

*ନିଲାମ ତାରିଖ ଦିନ ଦରଖାସ୍ତକାରୀ ଅନୁପସ୍ଥିତ ରହିଲେ ତାଙ୍କର କୌଣସି ଅଭିଯୋଗ ଶୁଣାଯିବ ନାହିଁ ।*

(signature) ୪/୧୦/୨୦

ତହସିଲଦାର, ବେଗୁନିଆ

(ମଠ)

ଉପପତ୍ର ସଂଖ୍ୟା ୭୦୨୮ ତା ୪/୧୦/୨୦୨୦

ଏହାର ନକଲ ଜିଲ୍ଲାପାଳ, ଖୋର୍ଦ୍ଧା/ଉପଜିଲ୍ଲାପାଳ, ଖୋର୍ଦ୍ଧା / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବେଗୁନିଆ/ ଅବଗତି ନିମନ୍ତେ ପ୍ରେରଣା କରାଗଲା ।

ଏହାର ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବେଗୁନିଆ ନୋଟିସ ବୋର୍ଡ /ତହସିଲ କାର୍ଯ୍ୟାଳୟର ନୋଟିସ ବୋର୍ଡ/ସମସ୍ତ ରାଜସ୍ୱ ନିରିକ୍ଷକଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡ/ସମ୍ପୃକ୍ତ ଗ୍ରାମପଞ୍ଚାୟତ ନୋଟିସ ବୋର୍ଡ/ଜନସାଧାରଣଙ୍କ ଅବଗତି ନିମନ୍ତେ ସମ୍ପୃକ୍ତ ରାଜସ୍ୱ ଗ୍ରାମରେ ଲଟକାଇବା ନିମନ୍ତେ ସମ୍ପୃକ୍ତ ଅଧିକାରୀମାନଙ୍କ ନିକଟକୁ ପ୍ରେରଣ କରାଗଲା ।

ଏହାର ନକଲ ସମ୍ପୃକ୍ତ ଗ୍ରାମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

(signature) ୪/୧୦/୨୦

ତହସିଲଦାର, ବେଗୁନିଆ

Scanned with CamScanner

# ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦି ଲିଜ୍ ର ବିସ୍ତାରିତ ବିବରଣୀ

| କ୍ରମିକ ସଂଖ୍ୟା | ମୌଜା ର ନାମ | ସୈରାତ ଉତ୍ସର ନାମ ଏବଂ କେଶ ନଂ | ଖାତା ନଂ | ପ୍ଲଟ ନଂ | ରକବା | ଲଘୁ ଖଣିଜର ନାମ | ସର୍ବନିମ୍ନ ରୟାଲିଟି ମୂଲ୍ୟ )per cum) ଟଙ୍କାରେ | ଅତିରିକ୍ତ ଦେୟ )Additional Charge per cum) ଟଙ୍କାରେ | Mining plan ଅନୁଯାୟୀ ବାର୍ଷିକ ଧାର୍ଯ୍ୟ ମାଙ୍କଡା ପଥର ପରିମାଣ (MGQ) | ଅଗ୍ରୀମ ଦାଖଲ ଅମାନତ ରାଶି Earnest Money ର ପରିମାଣ ଟଙ୍କାରେ |
|---|---|---|---|---|---|---|---|---|---|---|
| ୦୧ | ୦୨ | ୦୩ | ୦୪ | ୦୫ | ୦୬ | ୦୭ | ୦୮ | ୦୯ | ୧୦ | ୧୧ |
| 1 | ବାଲିବେରେଣି | ବାଲିବେରଣି ମାଙ୍କଡା ପଥର ସୈରାତ ଉତ୍ସ କେଶ ନଂ 01/20-21 | 619 ଆବାଦ ଯୋଗ୍ୟ ଅନାବାଦି | 497 | ଏ 8.500 | ମାଙ୍କଡା ପଥର | 180/- | 26/- | 12000 | 123600/- |
| 2 | ବାଲିବେରେଣି | ବାଲିବେରଣି ମାଙ୍କଡା ପଥର ସୈରାତ ଉତ୍ସ କେଶ ନଂ 02/20-21 | 619 ଆବାଦ ଯୋଗ୍ୟ ଅନାବାଦି | 498 (ଆଶିଂକ) | ଏ 23.125 ସ୍ଥ ଏ 22.125 | ମାଙ୍କଡା ପଥର | 180/- | 26/- | 51446 | 529894/- |
| 3 | ବାଲିବେରେଣି | ବାଲିବେରଣି ମାଙ୍କଡା ପଥର ସୈରାତ ଉତ୍ସ କେଶ ନଂ 03/20-21 | 619 ଆବାଦ ଯୋଗ୍ୟ ଅନାବାଦି | 510 | ଏ 26.125 | ମାଙ୍କଡା ପଥର | 180/- | 26/- | 58200 | 599460/- |
| 4 | ଛିମା | ଛିମା ମାଙ୍କଡା ପଥର ସୈରାତ ଉତ୍ସ କେଶ ନଂ 04/20-21 | 318 ଆବାଦ ଯୋଗ୍ୟ ଅନାବାଦି | 1120 (ଆଶିଂକ) | ଏ 2.220 ସ୍ଥ ଏ 1.000 | ମାଙ୍କଡା ପଥର | 180/- | 26/- | 4995 | 51449/- |
| 5 | ଡିଙ୍ଗର | ଡିଙ୍ଗର ମାଙ୍କଡା ପଥର ସୈରାତ ଉତ୍ସ କେଶ ନଂ 05/20-21 | 479 ରକ୍ଷିତ | 95 (ଆଶିଂକ) | ଏ 27.625 ସ୍ଥ ଏ 25.125 | ମାଙ୍କଡା ପଥର | 180/- | 26/- | 64890 | 668367/- |

Scanned with CamScanner

| | | | | | | | | | | |
|---|---|---|---|---|---|---|---|---|---|---|
| 6 | ଡିଙ୍ଗର | ଡିଙ୍ଗର ମାଙ୍କଡା ପଥର ସୈରାତ ଉତ୍ସ କେଶ ନଂ 06/20-21 | 479 ରକ୍ଷିତ | 95/1831 (ଆଂଶିକ) | ଏ 35.262 ହ୍ମ ଏ 28.762 | ମାଙ୍କଡା ପଥର | 180/- | 26/- | 65340 | 673002/- |
| 7 | ଡିଙ୍ଗର | ଡିଙ୍ଗର ମାଙ୍କଡା ପଥର ସୈରାତ ଉତ୍ସ କେଶ ନଂ 07/20-21 | 479 ରକ୍ଷିତ | 95/1832 ଆଂଶିକ | ଏ 32.812 ହ୍ମ ଏ 29.412 | ମାଙ୍କଡା ପଥର | 180/- | 26/- | 75375 | 776363/- |
| 8 | ଫୁଲଝାଞ୍ଜୁଣୀ | ଫୁଲଝାଞ୍ଜୁଣୀ ମାଙ୍କଡା ପଥର ସୈରାତ ଉତ୍ସ କେଶ ନଂ 08/20-21 | 199 ଆବାଦ ଯୋଗ୍ୟ ଅନାବାଦି | 219 | ଏ 5.355 | ମାଙ୍କଡା ପଥର | 180/- | 26/- | 10800 | 111240/- |
| 9 | ରାଉତପଡା | ରାଉତପଡା ମାଙ୍କଡା ପଥର ସୈରାତ ଉତ୍ସ କେଶ ନଂ 12 /20-21 | 1008 ଆବାଦ ଯୋଗ୍ୟ ଅନାବାଦି | 1486 (ଆଂଶିକ) | ଏ 13.525 ହ୍ମ ଏ 11.140 | ମାଙ୍କଡା ପଥର | 180/- | 26/- | 25200 | 259560/- |
| 10 | ଉତ୍ତରେଶ୍ୱର | ଉତ୍ତରେଶ୍ୱର ମାଙ୍କଡା ପଥର ସୈରାତ ଉତ୍ସ କେଶ ନଂ 13/20-21 | 306 ଆବାଦ ଯୋଗ୍ୟ ଅନାବାଦି | 213 (ଆଂଶିକ) | ଏ 24.242 ହ୍ମ ଏ 19.615 | ମାଙ୍କଡା ପଥର | 180/- | 26/- | 56475 | 581693/- |
| 11 | ଉତ୍ତରେଶ୍ୱର | ଉତ୍ତରେଶ୍ୱର ମାଙ୍କଡା ପଥର ସୈରାତ ଉତ୍ସ କେଶ ନଂ.15/20-21 | 306 ଆବାଦ ଯୋଗ୍ୟ ଅନାବାଦି | 337 (ଆଂଶିକ) | ଏ 14.400 ହ୍ମ ଏ 9.400 | ମାଙ୍କଡା ପଥର | 180/- | 26/- | 31950 | 329085/- |
| 12 | ଉତ୍ତରେଶ୍ୱର | ଉତ୍ତରେଶ୍ୱର ମାଙ୍କଡା ପଥର ସୈରାତ ଉତ୍ସ କେଶ ନଂ..16/20-21 | 306 ଆବାଦ ଯୋଗ୍ୟ ଅନାବାଦି | 327 (ଆଂଶିକ) | ଏ 33.462 ହ୍ମ ଏ 29.587 | ମାଙ୍କଡା ପଥର | 180/- | 26/- | 51525 | 530708/- |

ତହସିଲଦାର ବେଗୁନିଆ

# ଲଘୁଖଣିଜ ଉତ୍ସର  ଦୀର୍ଘ ମିଆଦି ଲିଜ ର ବିସ୍ତାରିତ ବିବରଣୀ

| କ୍ରମିକ ସଂଖ୍ୟା | ମୌଜା ର ନାମ | ସୈରାତ ଉତ୍ସର  ନାମ ଏବଂ କେଶ ନଂ | ଖାତା ନଂ | ପ୍ଲଟ ନଂ | ରକବା | ଲଘୁ ଖଣିଜର ନାମ | ସର୍ବନିମ୍ନ ରୟାଲିଟି ମୂଲ୍ୟ )per cum) ଟଙ୍କାରେ | ଅତିରିକ୍ତ ଦେୟ )Additional Charge per cum) ଟଙ୍କାରେ | Mining plan ଅନୁଯାୟୀ ବାର୍ଷିକ ଧାର୍ଯ୍ୟ କଳାମୁଗୁନୀ ପରିମାଣ (MGQ) | ଅଗ୍ରୀମ ଦାଖଲ ଅମାନତ ରାଶି Earnest Money ର ପରିମାଣ ଟଙ୍କାରେ |
|---|---|---|---|---|---|---|---|---|---|---|
| ୦୧ | ୦୨ | ୦୩ | ୦୪ | ୦୫ | ୦୬ | ୦୭ | ୦୮ | ୦୯ | ୧୦ | ୧୧ |
| 1 | ପରିଛଳ | ପରିଛଳ କଳାମୁଗୁନୀ ପଥର ସୈରାତ ଉତ୍ସ କେଶ ନଂ 09./20-21 | 373 ଆବାଦ ଅଯୋଗ୍ୟ ଅନାବାଦି | 725 | ଏ 4.875 | କଳାମୁଗୁନୀ ପଥର | 130/- | 160/- | 18687 | 270962/- |
| 2 | ପରିଛଳ | ପରିଛଳ କଳାମୁଗୁନୀ ପଥର ସୈରାତ ଉତ୍ସ କେଶ ନଂ 10./20-21 | 373 ଆବାଦ ଅଯୋଗ୍ୟ ଅନାବାଦି | 726 | ଏ 5.625 | କଳାମୁଗୁନୀ ପଥର | 130/- | 160/- | 31832 | 461564/- |
| 3 | ପରିଛଳ | ପରିଛଳ କଳାମୁଗୁନୀ ପଥର ସୈରାତ ଉତ୍ସ କେଶ ନଂ 11./20-21 | 373 ଆବାଦ ଅଯୋଗ୍ୟ ଅନାବାଦି | 727 | ଏ 5.875 | କଳାମୁଗୁନୀ ପଥର | 130/- | 160/- | 21210 | 307545/- |

ତହସିଲଦାର ବେଗୁନିଆ

Scanned with CamScanner